# ପ୍ରବନ୍ଧକ, ଦୂରସଞ୍ଚାର

# ଏବଂ ଅନ୍ୟଜଣେ ଇତ୍ୟାଦି

*ବନାମ*

# ଡକ୍ଟର ମଦନ ମୋହନ ପ୍ରଧାନ ଏବଂ ଅନ୍ୟମାନେ ଇତ୍ୟାଦି

ନଭେମ୍ବର 8,1995

[କେ. ରାମସ୍ୱାମୀ ଏବଂ କେ. ଏସ୍. ପାରିପୁର୍ଣ୍ଣନ, ନ୍ୟାୟମୂର୍ତ୍ତି ଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4 (1), 5A, 6, 17(1), 17(4)–ଜମି ଅଧିଗ୍ରହଣ–ଜମି ଉପରେ କାର୍ଯ୍ୟାଳୟ ଏବଂ ଆବାସିକ ପରିସର ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ–ଧାରା 17(4) ସହ ପଠିତ ଧାରା 17(1), ଅନୁଯାୟୀ କ୍ଷମତାର ପ୍ରୟୋଗ–ଜମି ମାଲିକମାନଙ୍କ ମଧ୍ୟରୁ ଜଣେ ଜମିର ଏକ ଅତି ଛୋଟ ଅଂଶ ସମ୍ବନ୍ଧରେ ଅଧିଗ୍ରହଣକୁ ଆପତ୍ତି କରିଛନ୍ତି – ଅନ୍ୟମାନଙ୍କ ମଧ୍ୟରୁ କିଛି ପ୍ରତିଶ୍ରୁତିକୁ ଗ୍ରହଣ କରୁଛନ୍ତି  କିମ୍ବା କିଛି ପ୍ରତିବାଦ ଅନୁସାରେ କ୍ଷତିପୂରଣ ଗ୍ରହଣ କରୁଛନ୍ତି –ସରକାରଙ୍କ ଦ୍ୱାରା ଦଖଲ କରାଯିବାର 14 ବର୍ଷ ପରେ ଉଚ୍ଚ ନ୍ୟାୟାଳୟ ଅଧିସୂଚନାକୁ ରଦ୍ଦ କରିଛନ୍ତି–କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଅଧିଗ୍ରହଣରେ ହସ୍ତକ୍ଷେପ କରି ଠିକ୍ କରିନାହାଁନ୍ତି ।*

**ଜମି ଅଧିଗ୍ରହଣ ଅଧିନିୟମ, 1894 ଧାରା 4 (1) ଅନୁଯାୟୀ ଏକ ଅଧିସୂଚନା ପ୍ରକାଶ ପାଇଥିଲା, ଯେଉଁଥିରେ ଦୂରସଞ୍ଚାର ବିଭାଗ ପାଇଁ କଟକରେ 3.589 ଏକର ଜମିକୁ  ଅଧିଗ୍ରହଣ କରାଯାଇଥିଲା । ଅଧିନୀୟମର ଧାରା 17(4) ସହ ପଠିତ ଧାରା 17(1), କ୍ଷମତା ବଳରେ ଧାରା 5A ରେ ରେ ଥିବା ବ୍ୟବସ୍ଥା ଗୁଡିକର ଅନୁପାଳନକୁ ବାଦ୍ ଦିଆଯାଇଥିଲା । ଉତ୍ତରଦାତାଙ୍କ ପତ୍ନୀ 24 ଡିସିମିଲ ଜମିକୁ ହଟାଇବାକୁ ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ ଉକ୍ତ ଅନୁରୋଧ ପତ୍ର ଅମୀମାଂସିତ ରହିଥିଲା ଏବଂ ଧାରା 6 ଅନୁଯାୟୀ ଘୋଷଣାକୁ  ପ୍ରକାଶ କରାଯାଇଥିଲା  । ଜମି ଅଧିଗ୍ରହଣ ଅଧିକାରୀ 2.11.1976 ମସିହାରେ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ । ଯେହେତୁ ଉତ୍ତରଦାତା-୧ ର ପତ୍ନୀଙ୍କର ଏହି ସମୟରେ ଦେହାନ୍ତ ହୋଇଥିଲା, ସେ ଅଧିନିୟମର ଧାରା  4(1) ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ରେ ଥିବା ଘୋଷଣାକୁ ଆପତ୍ତି ପୂର୍ବକ, ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ପ୍ରାର୍ଥନା ଆଗତ କରିଥିଲେ । ଉଚ୍ଚ ନ୍ୟାୟାଳୟ ଉତରଦାତାଙ୍କ ଅନୁରୋଧ ପତ୍ର ଉପରେ ବିଚାର କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇ ଆଜ୍ଞାଦେଶ ଆବେଦନକୁ ଫଏସଲା କରିଥିଲେ । 3.6.1987 ମସିହାରେ ଅନୁରୋଧ ପତ୍ରକୁ  ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉତ୍ତରଦାତା ସଂଖ୍ୟା 1 ଏହି ଅଧିସୂଚନାକୁ ବିରୋଧ କରି ଆଉ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଧାରା 17(4) ବଳରେ କ୍ଷମତାର ପ୍ରୟୋଗକୁ ଅବୈଧ ଦର୍ଶାଇ ଧାରା 4(1)ରେ ଥିବା ଅଧିସୂଚନାକୁ ରଦ୍ଦ କରିଦେଇଛନ୍ତି । ଅସନ୍ତୁଷ୍ଟ ହୋଇ ସରକାର ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଆଗତ କରିଛନ୍ତି ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ କହିଛନ୍ତି ଯେ:**

**1.1. ଜମି ଅଧିଗ୍ରହଣ ଅଧିନିୟମ, 1894 ଅନୁଯାୟୀ ହୋଇଥିବା ଅଧିଗ୍ରହଣରେ ହସ୍ତକ୍ଷେପ ଏବଂ ଧାରା 4(1) ଓ 6 ଅଧୀନରେ କରାଯାଇଥିବା ଅଧିସୂଚନା ଏବଂ ଘୋଷଣାନାମାକୁ ରଦ୍ଦ କରି ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଯୌକ୍ତିକ କାର୍ଯ୍ୟ କରିଛନ୍ତି, ଯେହେତୁ ଜମି ଗୁଡିକୁ 12.04.1976 ମସିହାରେ ଦଖଲକୁ ନିଆଯାଇଥିଲା ଏବଂ ଜମିଗୁଡିକ ବିନା ସମସ୍ୟାରେ ସରକାରଙ୍କ ପାଖରେ ନ୍ୟସ୍ତ ଥିଲା, ଅନେକ ଜମି ମାଲିକ କ୍ଷତିପୂରଣ ଗ୍ରହଣ କରିସାରିଥିଲେ ଏବଂ କିଛି ମାଲିକ ପ୍ରତିବାଦ ପୂର୍ବକ କ୍ଷତିପୂରଣ ଗ୍ରହଣ କରିଥିଲେ । ଅଧିକନ୍ତୁ, 3.589 ଏକର ଜମି ମଧ୍ୟରୁ, କେବଳ 24 ଡିସିମିଲି ଜମି ଉପରେ ଉତରଦାତାଙ୍କ ଦାବି ।**

*ସତେନ୍ଦ୍ର ପ୍ରସାଦ ଜୈନ ଏବଂ ଅନ୍ୟମାନେ ବନାମ ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ,* **[1991] 4 ଏସ. ସି. ସି. 531, ମାମଲା ଉପରେ ନିର୍ଭର କରିଥିଲେ।**

**1.2. ଏହି ଯୋଜନା ସୂଚିତ କରେ ଯେ ଅଧିଗ୍ରହଣ କରାଯାଇଥିବା ଜମିରେ ଅଧିକାରୀ ଭବନ ଏବଂ 2000 ବୈଦ୍ୟୁତିକ ବିନିମୟ କେନ୍ଦ୍ର ପ୍ରତିଷ୍ଠା କରିବା ଅନ୍ତର୍ଭୁକ୍ତ । ଏଭଳି ପରିସ୍ଥିତିରେ, ଉତରଦାତାଙ୍କ ଜମିକୁ ଅଧିଗ୍ରହଣରୁ ବାଦ ଦେବା ଅତ୍ୟନ୍ତ ଅସୁବିଧାଜନକ ହେବ । ଧାରା 5A ଅନୁଯାୟୀ ତଦନ୍ତର ଉଦ୍ଦେଶ୍ୟ କେବଳ ଏହା ଦର୍ଶାଏ ଯେ ଅଧିଗ୍ରହଣ ହେବାକୁ ଥିବା ଜମି ବ୍ୟତୀତ ଅନ୍ୟ କୌଣସି ସୁବିଧାଜନକ ଏବଂ ଉପଯୁକ୍ତ ଜମି ଉପଲବ୍ଧ ହେବ, କିମ୍ବା କୌଣସି ସାର୍ବଜନୀନ ଉଦ୍ଦେଶ୍ୟରେ ନୁହେଁ । ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଏବଂ ଆଗକୁ ବଢ଼ିବା ପରେ ଏହି ପ୍ରସଙ୍ଗଟି ଶିକ୍ଷଣୀୟ ହୋଇଯିବ ।**

*ଅକ୍ସଫୋର୍ଡ ଇଂରାଜୀ ସ୍କୁଲ ବନାମ ଏ. ହେଷ୍ଟିଙ୍ଗସ୍ ହୋପ୍,* **[1995] 5-ଏସ. ସି. ସି. 206, ପ୍ରୟୋଗଯୋଗ୍ୟ ନୁହେଁ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 8752/1995 ଇତ୍ୟାଦି ।

ତା 31.10.90 ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଓ. ଯେ. ସି. ସଂଖ୍ୟା 435/1988 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ସୁଶ୍ରୀ କେ. ଅମରେଶ୍ୱରୀ, ରାଜୀବ ଶର୍ମା, ସୁଶ୍ରୀ ଅନୀଲ କଟିୟାର, ସି. ଭି. ସୁବ୍ବା. ରାଓ, ଆର୍. କେ. ମେହେଟ୍ଟା, ବି. ଏ. ମହାନ୍ତି, ସୁଶ୍ରୀ ଅରୁଣା ମାଥୁର ଏବଂ ଏ. ମାରିୟାର ପୁଥାମ ଥିଲେ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଜାନୁଆରୀ, 1973 ମସିହାରେ ଜମି ଅଧିଗ୍ରହଣ ଅଧିନିୟମ, 1894 (ସଂକ୍ଷେପରେ 'ଅଧିନିୟମ') ଧାରା 4(1) ଅଧୀନରେ କଟକରେ ଅବସ୍ଥିତ 3.589 ଏକର ଜମିକୁ ଅଧିଗ୍ରହଣ କରି ଦୂରସଞ୍ଚାର ବିଭାଗର କର୍ମଚାରୀଙ୍କ ଆବାସିକ ଗୃହ, ଦୁରଭାଷ ବିନିମୟ କେନ୍ଦ୍ର, ଡାକଘର ଇତ୍ୟାଦି ପାଇଁ ଏକ ଅଧିସୂଚନା ଜାରି କରାଯାଇଥିଲା । ଧାରା 17(4) ସହ ପଠିତ ଧାରା 17(1) ଅଧୀନରେ, କ୍ଷମତା ପ୍ରୟୋଗ ପୂର୍ବକ ଧାରା 5A ଅଧୀନରେ କରାଯାଇଥିବା ତଦନ୍ତକୁ ବାଦ୍ ଦିଆଯାଇଥିଲା । ଧାରା 6 ଅନୁଯାୟୀ ଘୋଷଣା ପ୍ରକାଶ ପାଇବା ପୂର୍ବରୁ ଉତରଦାତା ସଂଖ୍ୟା 1ଙ୍କ ପତ୍ନୀ ଅର୍ଥାତ୍ ଡକ୍ଟର ସରୋଜିନୀ ପ୍ରଧାନ ନର୍ସିଂ ହୋମ୍ ଇତ୍ୟାଦି ନିର୍ମାଣ ପାଇଁ 24 ଡିସିମିଲି ଜମିକୁ ବାଦ୍ ଦେବାପାଇଁ ଅନୁରୋଧ ପତ୍ର ଦ୍ୱାରା ଅନୁରୋଧ କରିଥିଲେ । ଇତି ମଧ୍ୟରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଏହି ଅଞ୍ଚଳକୁ ବାଣିଜ୍ୟିକ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି । ଫଳସ୍ୱରୂପ, ଆବେଦନକାରୀ 90 ଫୁଟ ପର୍ଯ୍ୟନ୍ତ ନିର୍ମାଣ ପାଇଁ ଅନୁମତି ଏବଂ ଅବଶିଷ୍ଟ ଜମିକୁ ଆବାସିକ ଉଦ୍ଦେଶ୍ୟରେ

ମୁକ୍ତ କରିବାକୁ ଅନୁମତି ଦେବାପାଇଁ ଏକ ପ୍ରାର୍ଥନା କରିଥିଲେ । ଇତି ମଧ୍ୟରେ, ଡକ୍ଟର ସରୋଜିନୀଙ୍କ ଦ୍ୱାରା କରାଯାଇଥିବା ଅନୁରୋଧ ପତ୍ର, ବିଚାରାଧୀନ ଥିବା ସମୟରେ ଧାରା 6 ଅନୁଯାୟୀ ଘୋଷଣାନାମା ଜୁନ୍ 30,1975 ମସିହାରେ ପ୍ରକାଶିତ ହୋଇଥିଲା । 1 ନଭେମ୍ବର, 1975 ମସିହାରେ ଧାରା 9 ଅନୁଯାୟୀ ଏକ ଅଧିସୂଚନା ଜାରି କରାଯାଇଥିଲା, ଜମିର ଦଖଲ ମଧ୍ୟ 12 ଏପ୍ରିଲ, 1976 ମସିହାରେ ନିଆଯାଇଥିବା ଦାବି କରାଯାଇଥିଲା ଏବଂ ଭାରତ ସଂଘ ସରକାରଙ୍କୁ  ହସ୍ତାନ୍ତର କରାଯାଇଥିଲା । ଜମି ଅଧିଗ୍ରହଣ ଅଧିକାରୀ 2 ନଭେମ୍ବର, 1976 ରେ ତାଙ୍କ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ ଏବଂ  ଗ୍ରହଣ କରିଥିବା ସମସ୍ତ ବ୍ୟକ୍ତିଙ୍କୁ କ୍ଷତି ପୂରଣ ରାଶି ପ୍ରଦାନ କରିଥିଲେ କିମ୍ବା ପ୍ରତିବାଦରେ ଗ୍ରହଣ କରିଥିବା ଲୋକଙ୍କୁ ଏହି ରାଶି ପ୍ରଦାନ କରିଥିଲେ ଏବଂ କୁହାଯାଏ ଯେ ଡ. ସରୋଜିନୀ ପ୍ରଧାନଙ୍କୁ ଦିଆଯାଇଥିବା ରାଶିକୁ ଜମା ରଖାଯାଇଥିଲା ।

18 ଅଗଷ୍ଟ, 1979 ମସିହାରେ ଯେହେତୁ ଉତରଦାତା ସଂଖ୍ୟା 1ଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଥିଲା, ସେ ଧାରା 4 (1) ଏବଂ ଧାରା 6 ର ଘୋଷଣା ଅନୁଯାୟୀ ଅଧିସୂଚନାର ବୈଧତାକୁ ଆପତ୍ତି କରି ଡବ୍ଲୁ. ପି. ସଂଖ୍ୟା 1139/79 ଆଗତ କରିଥିଲେ । ଉଚ୍ଚ ନ୍ୟାୟାଳୟ 1982 ମସିହା ମାର୍ଚ୍ଚ 16 ତାରିଖର ଆଦେଶ ଦ୍ୱାରା ଜମି ଅଧିଗ୍ରହଣରୁ ବାଦ ଦେବା ପାଇଁ ଉତରଦାତାଙ୍କ ଅନୁରୋଧ ପତ୍ର ଉପରେ ବିଚାର କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇ ଆଜ୍ଞାଦେଶ  ଆବେଦନର ସମାଧାନ କରିଥିଲେ । ଆବଶ୍ୟକ ତଥ୍ୟର ଏକ ବିସ୍ତୃତ ବିଚାର ଏବଂ ଯାଞ୍ଚ ପରେ, ଭାରତ ସଂଘ 3 ଜୁନ୍, 1987 ମସିହାରେ ଅନୁରୋଧ ପତ୍ରକୁ  ପ୍ରତ୍ୟାଖ୍ୟାନ କରିଥିଲା । ଏହାପରେ ଉତ୍ତରଦାତାମାନେ ଅଧିସୂଚନା ଗୁଡ଼ିକୁ ଆପତ୍ତି କରି ଡବ୍ଲ୍ୟୁ. ପି. ସଂଖ୍ୟା 435/1988 ଆଗତ କରିଥିଲେ । ଇତି ମଧ୍ୟରେ ଦୂରସଞ୍ଚାର ବିଭାଗର ମୁଖ୍ୟାଳୟକୁ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା, କିନ୍ତୁ ବର୍ତ୍ତମାନର କର୍ମଚାରୀ କଟକଠାରେ ରହିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଧାରା 17 (4) ଅନୁଯାୟୀ କ୍ଷମତାର ପ୍ରୟୋଗ ଅବୈଧ ଦର୍ଶାଇ ଉଚ୍ଚ ନ୍ୟାୟାଳୟ 31 ଅକ୍ଟୋବର, 1990 ମସିହାରେ ଏକ ଆକ୍ଷେପିତ ଆଦେଶ ଦେଇ ଧାରା 4 (1) ଅନୁଯାୟୀ ହୋଇଥିବା ଅଧିସୂଚନାକୁ ରଦ୍ଦ କରିଦେଇଥିଲେ । ଯେହେତୁ ଧାରା 6 ରେ ସଂଶୋଧନ କାର୍ଯ୍ୟକାରୀ ହେବା ପରେ ଏହି ଘୋଷଣା କରାଯାଇଥିଲା, ଧାରା 4(1) ଅନୁଯାୟୀ ଅଧିସୂଚନାକୁ ଅବୈଧ ବୋଲି ଧରାଯାଇଥିଲା । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ଆସିଛି ।

ବିଚାର ପାଇଁ ଉଠୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଅଧିଗ୍ରହଣରେ ହସ୍ତକ୍ଷେପ କରିବାରେ ଉଚ୍ଚ ନ୍ୟାୟାଳୟ ସଠିକ୍ ଏବଂ ନ୍ୟାୟସଙ୍ଗତ ଥିଲେ କି । ଏହା ଦେଖାଯାଇଛି ଯେ ମୋଟ 3.589 ଏକର ଜମିରୁ, ଉତ୍ତରଦାତାମାନଙ୍କ ଦାବି କେବଳ 0.240 ଡିସିମିଲି ଅଟେ । ଅନ୍ୟ ଅର୍ଥରେ କହିଲେ, ମାତ୍ର 1162 ବର୍ଗଗଜ । ଅନ୍ୟମାନେ ସମସ୍ତେ ଅଧିନିର୍ଣ୍ଣୟ ରାଶି ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ପ୍ରତିବାଦ କରିଥିଲେ । ଏହା ସାଧାରଣ ଜ୍ଞାନ ଯେ ଦଖଲ ସର୍ବଦା ଏକ ସ୍ମାରକ ଅଧୀନରେ ନିଆଯାଏ ଏବଂ ହସ୍ତାନ୍ତର ମଧ୍ୟ ଏକ ସ୍ମାରକ ଅଧୀନରେ ହେବ | ସମସ୍ତ ଅଧିଗ୍ରହଣ ପ୍ରକ୍ରିୟାରେ ଏହା ଏକ ସ୍ୱୀକୃତିପ୍ରାପ୍ତ ସାଧାରଣ ଅଭ୍ୟାସ | ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ପୂର୍ବରୁ ମଧ୍ୟ ଧାରା 17 (1) ର କାର୍ଯ୍ୟକାରିତା ଦ୍ୱାରା, ଜମି ଅଧିଗ୍ରହଣ ଅଧିକାରୀ ଜମି ଦଖଲ କରିବାକୁ ହକଦାର | ସେ ସେମିତି କରିଛନ୍ତି । ଧାରା 9 ରେ ପ୍ରଦତ୍ତ ସମୟ ସେତେବେଳକୁ ସମାପ୍ତ ହୋଇଯାଇଥିଲା । ଅନ୍ୟପ୍ରକାରେ, ନଭେମ୍ବର 2,1976 ମସିହାରେ ଅଧିନିର୍ଣ୍ଣୟ ରାଶି ପ୍ରଦାନ କରାଯାଇଥିଲା | ଅଧିନିୟମର ଧାରା 16ରେ କାର୍ଯ୍ୟକାରିତା ଦ୍ୱାରା ସରକାରଙ୍କ ଅଧୀନରେ ଥିବା ଜମିର ଅଧିକାର, ମାଲିକାନା ଏବଂ ସ୍ୱାର୍ଥ ସମସ୍ତ ବାଧାରୁ ସମ୍ପୂର୍ଣ୍ଣ ମୁକ୍ତ ଥିଲା । ଏହା ଦ୍ୱାରା ସରକାର 12 ଏପ୍ରିଲ୍, 1976 ମସିହାଠାରୁ ସମ୍ପୂର୍ଣ୍ଣ ମାଲିକ ହୋଇଥିଲେ । *ସତେନ୍ଦ୍ର ପ୍ରସାଦ ଜୈନ ଏବଂ ଅନ୍ୟାମାନେ ବନାମ ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ,* [1991] 4 ଏସ. ସି. ସି. 531 ମାମଲାରେ ଏହି ନ୍ୟାୟାଳୟ କହିଛନ୍ତି ଯେ ଥରେ ଦଖଲ ନିଆଯିବା ପରେ ଧାରା 4 (1) ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ଅନୁଯାୟୀ କରାଯାଇଥିବା ଘୋଷଣାର ବୈଧତାକୁ ଅଲଗା କରାଯାଇପାରିବ ନାହିଁ ଏବଂ ଧାରା 11(A) ଲାଗୁ ହୁଏ ନାହିଁ ।

ଏହା ପୂର୍ବରୁ ଦେଖିବାକୁ ମିଳିଛି ଯେ 12 ଏପ୍ରିଲ, 1976 ମସିହାରେ ଦଖଲକୁ ନିଆ ସରିଥିଲା ଏବଂ ସମସ୍ତ ବାଧାବିଘ୍ନରୁ ମୁକ୍ତ ହୋଇ ସରକାରଙ୍କ ଉପରେ ନ୍ୟସ୍ତ ହୋଇଥିଲା ଏବଂ ବହୁତ ଲୋକ ଏହିକ୍ଷତିପୂରଣ ରାଶିକୁ ଗ୍ରହଣ କରିଛନ୍ତି ଏବଂ କେତେକ ପ୍ରତିବାଦ ସ୍ୱରୂପ କ୍ଷତିପୂରଣ ରାଶି ଗ୍ରହଣ କରିଛନ୍ତି, ଉଚ୍ଚ ନ୍ୟାୟାଳୟଙ୍କ ଅଧିଗ୍ରହଣରେ ହସ୍ତକ୍ଷେପ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଥିଲା । ଆମେ ଆମ ସମ୍ମୁଖରେ ଉପସ୍ଥାପିତ ନକ୍ସାକୁ ଦେଖିଛୁ ଯାହା ସୂଚିତ କରିବ ଯେ ଅଧିଗ୍ରହଣ କରାଯାଇଥିବା ଜମିରେ ଅଧିକାରୀ ଭବନ ପ୍ରତିଷ୍ଠା ଏବଂ 2000 ବୈଦ୍ୟୁତିକ ବିନିମୟ କେନ୍ଦ୍ର ଅନ୍ତର୍ଭୁକ୍ତ ଅଟେ | ଏଭଳି ପରିସ୍ଥିତିରେ ଏହି ଜମିକୁ ଅଧିଗ୍ରହଣରୁ ବାଦ୍ ଦେବା ଅତ୍ୟନ୍ତ ଅସୁବିଧାଜନକ ହେବ । ଧାରା 5A ଅନୁଯାୟୀ ତଦନ୍ତର ଉଦ୍ଦେଶ୍ୟ କେବଳ ଏହା ଦର୍ଶାଇବା ଯେ ଅଧିଗ୍ରହଣ କରିବାକୁ ଚାହୁଁଥିବା ଜମି ବ୍ୟତୀତ ଅନ୍ୟ କୌଣସି ସୁବିଧାଜନକ ଏବଂ ଉପଯୁକ୍ତ ଜମି ଉପଲବ୍ଧ ହେବ, କିମ୍ବା କୌଣସି ସାର୍ବଜନୀନ ଉଦ୍ଦେଶ୍ୟ ନାହିଁ ।ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଏବଂ ଆଗକୁ ବଢ଼ିବା ପରେ ଏହି ପ୍ରସଙ୍ଗଟି ଶିକ୍ଷଣୀୟ ହେବ । [1995] 5 ଏସ. ସି. ସି. 206 ରେ *ପ୍ରକାଶ ପାଇଥିବା ଅକ୍ସଫୋର୍ଡ ଇଂରାଜୀ ସ୍କୁଲ ବନାମ ଏ. ହେଷ୍ଟିଙ୍ଗସ୍ ହୋପ୍* ମାମଲାର ସିଦ୍ଧାନ୍ତ ଏହି ଆବେଦନଗୁଡ଼ିକର ତଥ୍ୟ ଉପରେ କୌଣସି ପ୍ରୟୋଗ ନାହିଁ । ସେହି ମାମଲାରେ, ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇ ନଥିଲା କିମ୍ବା ଏହାକୁ ଦଖଲ କରାଯାଇ ନଥିଲା । ଏହି ପରିସ୍ଥିତିରେ, ଏହି ନ୍ୟାୟାଳୟ କହିଛନ୍ତି ଯେ ଧାରା 6 ଅନୁଯାୟୀ କରାଯାଇଥିବା ଘୋଷଣା ଅବୈଧ ଥିଲା ଏବଂ ତିନି ବର୍ଷ ସମାପ୍ତ ହେବା ପରେ ଧାରା 5A ଅନୁଯାୟୀ ତଦନ୍ତ କରିବାକୁ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ବେଆଇନ ଅଟେ । ଅଧିନିୟମର ଧାରା 6 ର ପ୍ରାବଧାନ କାର୍ଯ୍ୟକାରୀ ହେବା ଦ୍ୱାରା ଧାରା 4 (1) ମଧ୍ୟ ଅଚଳ ହୋଇଗଲା । ତେଣୁ, ଏହି ସିଦ୍ଧାନ୍ତ ସ୍ପଷ୍ଟ ଭାବରେ ଏହି ଆବେଦନଗୁଡ଼ିକର ତଥ୍ୟ ପାଇଁ ପ୍ରଯୁଜ୍ୟ ନୁହେଁ ।

ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଅଧିଗ୍ରହଣରେ ହସ୍ତକ୍ଷେପ କରିବା ଏବଂ ଅଧିନିୟମର ଧାରା 6 ଅନୁଯାୟୀ ଅଧିସୂଚନା ଏବଂ ଘୋଷଣାକୁ ରଦ୍ଦ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଥିଲା ।

ଆବେଦନଗୁଡ଼ିକୁ ଅନୁମତି ପ୍ରଦାନ କରାଗଲା । କୌଣସି ଖର୍ଚ୍ଚ ନାହିଁ।

ଆର୍.ପି. ଆବେଦନଗୁଡିକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**TRANSLATED BY:**
**Shri Jatadhari Sethi**
**Translator, High Court of Orissa, Cuttack.**